# Akashvani, Sambalpur

## SAMBALPURI NEWS MORNING BULLETIN

## 6 July 2026 - 6.47- 6.52 am.

---

ରଥଯାତ୍ରା-ସମନ୍ୱୟ କମିଟି ବୈଠକ ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକେ ଶୃଙ୍ଖଳିତ୍ ଭାବେ କର୍‌ବାର୍ ଲାଗି ଆଏଜ୍ ଶେଷ୍ ସମନ୍ୱୟ କମିଟି ବୈଠକ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେବାର୍‌କେ ଥିବା ବୈଠକ୍‌ଥି ପ୍ରଶାସନିକ୍ ସ୍ତର୍ ନ ହେଇଥିବା ସବୁ ପ୍ରକାର୍ ପ୍ରସ୍ତୁତିର୍ ସମୀକ୍ଷା କରାଯିବା । ଆଝିରର୍ ବୈଠକ୍‌ଥି ରଥ ତିଆରି ନୁ ମୁଲ୍ କରିକରି ନୀଳାଦ୍ରୀ ବିଜେତକ୍ ରଥଯାତ୍ରା ନୀତିକାନ୍ତିକେ ଶୃଙ୍ଖଳିତ୍ ଭାବେ କର୍‌ବାର୍ ଲାଗି ସମୀକ୍ଷା କରାଯିବା । ଭକ୍ତମାନ୍‌କର୍ ଶୃଙ୍ଖଳିତ୍ ଦର୍ଶନ୍, ପରିମଳ ବ୍ୟବସ୍ଥା, ଟ୍ରାଫିକ୍ ସୁପରିଚାଳନା, ସୁରକ୍ଷା ବ୍ୟବସ୍ଥା ବାଗିର୍ ବିଷେଥି ବିସ୍ତୃତ୍ ଆଲୋଚନା ହେବା ।

ଟ୍ରେନ୍ ଚଲାଚଲ୍ ଶୁଭାରମ୍ଭ            ଆର୍ଏନ୍ୟୁ/ ସମ୍ବଲପୁର

ରେଲ୍ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ବ୍ରହ୍ମପୁର୍ ଉଧନା ଅମୃତ୍ ଭାରତ୍ ଏକ୍ସପ୍ରେସ୍ର ଚଲାଚଲ୍କେ ଶୁଭାରମ୍ଭ କର୍ବେ । ଇତାର୍ସହେତେ ପୁରୀ-କୋରାପୁଟ୍-ପୁରୀ ଏକ୍ସପ୍ରେସ୍ ଚଲାଚଲ୍ର ଭିଲ୍ ଶୁଭାରମ୍ଭ ହେବା । ପୁରୀ-କୋରାପୁଟ୍ ଏକ୍ସପ୍ରେସ୍ ଟ୍ରେନ୍କେ ଆଏଜ୍ ମଏଧାନର୍ ସାଢ଼େ ୧୨ ବଜେ ପୁରୀ ରେଲ୍ଷ୍ଟେସନ୍ ନ ଶୁଭାରମ୍ଭ କରାଯିବାର୍ ସହେତେ ବ୍ରହ୍ମପୁର୍- ଉଧ୍ନା ଅମୃତ୍ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍କେ ଉପର୍ବେଲା ବ୍ରହ୍ମପୁର୍ ରେଲ୍ଷ୍ଟେସନ୍ନୁ ଶୁଭାରମ୍ଭ କରାଯିବା । ଆଘୋନୁ ବ୍ରହ୍ମପୁର୍- ଉଧନା ଏକ୍ସପ୍ରେସ୍ ଟ୍ରେନ୍ ହପ୍ତାକ ଥରେ ତାର୍ ଉତ୍ରୁ ୩ ଦିନ୍ ଚାଲୁଥିଲା । ବାକି ଯାତ୍ରୀମାନ୍କର୍ ଆବଶ୍ୟକତାକେ ନଜର୍ଥି ରଖିକରି ରେଲ୍ବାଇ ତର୍ଫୁ ଇ ଟ୍ରେନ୍କେ ଫି’ ଦିନ ଚଲାଚଲ୍ କର୍ବାର୍ ଲାଗି ନିଷ୍ପତି ନିଆଯାଇଛେ । ସେନ୍ତା ପୁରୀ-କୋରାପୁଟ୍-ପୁରୀ ଏକ୍ସପ୍ରେସ୍ ଟ୍ରେନ୍ ପୁରୀନୁ ସବୁ ସୋମ୍ବାର୍, ଗୁରୁବାର୍, ଶନିବାର୍ ଆଉ କୋରାପୁଟ୍ନୁ ସବୁ ମଙ୍ଗଲ୍ବାର୍, ଶୁକ୍ରବାର୍ ଆଉ ରଏବାର୍ ଦିନ ଚାଲ୍ବା ।

ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଅଧୀନ        ଆର୍ଏନ୍ୟୁ/ ସମ୍ବଲପୁର

ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଆଏଜ୍ ଆଭାସୀ ଜରିଏ ୩୭ ଟା ସହରାଂଚଲ୍ ସ୍ଥାନୀୟ ସଂସ୍ଥା ନ ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଅଧୀନ୍ଥି ୭୪ କୋଟି ୮୭ ଲାଖ୍ ଟଙ୍କାର୍ ୪ ଶହ ୯୪ ଟା ପ୍ରକଳ୍ପର୍ ଶୁଭାରମ୍ଭ କର୍ବେ । ଇଥି ୩୧ ଟା ପୌରାଂଚଲ୍ର ୩୬ କୋଟି ୭୯ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ୩ ଶହ ୪୪ ଟା ପ୍ରକଳ୍ପର୍ ଲୋକାର୍ପଣ୍ ହେବା । ସେନ୍ତା ୧୯ ଟା ପୌରାଂଚଲ୍ ନ ୩୭ କୋଟି ୯ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍କେ ଥିବା ଶହେ ୫୦ ଟା ନୂଆଁ ପ୍ରକଳ୍ପର୍ ଶିଲାନ୍ୟାସ୍ କରାଯିବା ।

ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀ-ଜୟନ୍ତୀ   ଆର୍ଏନ୍ୟୁ/ ସମ୍ବଲପୁର

ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଆଏଜ୍ ହେବା । ଇ ଅବ୍ସରେ ସଖାଲବେଲା

ଭୁବ୍‌ନେଶ୍ୱର୍ ସତ୍‌ସଙ୍ଗ୍ ବିହାର୍ ଠାନେ ଥିବା ଡକ୍ଟର୍ ମୁଖାର୍ଜୀଙ୍କର୍ ପ୍ରତିମୂର୍ତିଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ବାଚସ୍ପତି ସୁରମା ପାଢ଼ୀ ମାଲ୍ୟାର୍ପଣ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ତାର୍ ଉତ୍‌ରୁ ବେଲ୍‌ବୁଢ଼େ ଜୟଦେବ୍ ଭବନ୍ ଠାନେ ହେବାର୍‌କେ ଥିବା ଆଲୋଚନା ଚକ୍ରଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସହେତେ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବନ ମହୋତ୍ସବ ସପ୍ତାହ ଦେବ୍‌ଗଡ୍ ସମ୍ବାଦଦାତା

୭୭ ନମ୍ବର୍ ବନ ମହୋତ୍ସବ ସପ୍ତାହ ଅବ୍‌ସରେ ଦେବ୍‌ଗଡ୍ ବନଖଣ୍ଡ ତରଫୁ ଆୟୋଜିତ୍ କାର୍ଯ୍ୟକ୍ରମ୍‌ଥି ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇଛନ୍ । ମାଁର୍ ଲାଗି ଗଛ୍ ଗୁଟେ ଆହ୍ୱାନ୍ ଦେଇକରି ସେ ପରିବେଶ୍ ସୁରକ୍ଷା ଆଉ ଜଲ୍‌ବାୟୁ ପରିବର୍ତନ ମୁକାବିଲା ଲାଗି ଗଛ୍ ଲଗାବାର୍‌ଟାକେ ଗୁଟେ ଜନ ଆନ୍ଦୋଲନ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା ଗୁଟେ ସବୁଜ ରଥକେ ଭିଲ୍ ଶୁଭାରମ୍ଭ କରିଥିଲେ ।

ଇ ରଥ ଜଙ୍ଗଲ୍ ଆଉ ପରିବେଶ୍ ସୁରକ୍ଷା ବାର୍ତାକେ ଘରେ ଘରେ ପୁହୁଁଚାବା ।

ବିଶ୍ୱ ଜୁନୋସିସ୍ ରୋଗ ନିରାକରଣ ଦିବସ ଆର୍‌ଏନ୍‌ୟୁ/ କଟକ୍

ବିଶ୍ୱ ଜୁନୋସିସ୍ ରୋଗ ନିରାକରଣ ଦିବସ ଆଏଜ୍ ପାଲିତ୍ ହେଉଛେ । ପଶୁ ଚାବ୍‌ବାର୍ ଲାଗି ପ୍ରାକୃତିକ୍ ଉପେଥି ସଂକ୍ରମିତ୍ ହେଉଥିବା ରୋଗ୍‌କେ ଜୁନେସିସ୍ ରୋଗ୍ କୁହାଯାଏସି । ଭାରତୀୟ ଭେଷଜ ଗବେଷଣା ପରିଷଦ୍ ଆଇସିଏମ୍‌ଆର୍ ଭାରତ୍‌ନୁ ୨୦୩୦ ମସିହା ତକ୍ ଜଳାନ୍ତକ ରୋଗ୍‌କେ ମୁଲ୍‌ହୁ ସଫା କର୍‌ବାର୍‌କେ ପରାମର୍ଶ ଦେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍- ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗିକରିଥିବା ଉତର୍ ଓଡ଼ିଶା- ପଶ୍ଚିମବଙ୍ଗ ସମୁଦ୍ର ଖଁଡ଼ି ନ ହେଇଥିବା ଲଘୁଚାପ୍ ଅବପାତଥି ବଦ୍‌ଲିଛେ । ବାଲେଶ୍ୱର୍‌ର ଦକ୍ଷିଣ- ଦକ୍ଷିଣପୂର୍ବ ଦିଗେ

୫୦ କିଲୋମିଟର୍ ଦୂରେ ଅବପାତ ହେଇଛେ ।  ଚାନ୍ଦବାଲିର ଉତର୍-ପୂର୍ବ ନୁ ୬୦ କିଲୋମିଟର୍ ଦୂରେ ଇଟା କେନ୍ଦ୍ରୀଭୂତ ହେଇକରି ପଶ୍ଚିମ -ଉତର୍ ପଶ୍ଚିମ ଦିଗ୍‌କେ ଯାଉଛେ । ଇତାର୍ ପ୍ରଭାବ୍‌ଥି ଦକ୍ଷିଣ- ପଶ୍ଚିମ ମୌସୁମୀ ଅଏତ୍‌କା ସକ୍ରିୟ ହେବାର୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପ୍ରବଲ୍ ନୁ ଅତି ପ୍ରବଲ ବର୍ଷା ଲାଗି ରହିଛେ ।

ଆଏଜ୍ ବେଲ୍‌ବୁଡ଼ାତକ୍ ସମ୍ବଲ୍‌ପୁର୍, ବର୍‌ଗଡ଼୍, ସୁବର୍ଣ୍ଣପୁର୍, ନୂଆପଡ଼ା, ବଲାଙ୍ଗିର୍ ଜିଲ୍ଲା ନ ଅତି ନୁ ଅତି ଜବର୍ ବର୍ଷାକେ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ରେଡ଼୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ସେନ୍ତା ବୌଦ୍ଧ, ଅନୁଗୁଲ୍, କନ୍ଧମାଲ୍ ଜିଲ୍ଲାର୍ କେତେଟା ଜାଗା ନ ଜବର୍ ବର୍ଷାକେ ନେଇକରି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ଜବର୍ ବର୍ଷା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲା ଜୁନ୍ ମାସ ୧ ତାରିଖ୍‌ନୁ ଏବ୍‌ତକ୍ ରାଏଜେ ୨ ଶହ ୬୫ ଦଶ୍‌ମିକ୍ ୫ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ଯେନ୍‌ଟା ସ୍ୱାଭାବିକ୍‌ନୁ ୪ ପ୍ରତିଶତ୍ ଅଏତ୍‌କା ଆଏ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶକ୍ ଡକ୍ଟର୍ ମନୋରମା ମହାନ୍ତି କହିଛନ୍ ।

ସମ୍ବଲପୁର -ସ୍କୁଲ୍ ଛୁଟି          ଆର୍‌ଏନ୍‌ୟୁ/ ସମ୍ବଲପୁର

ଲଗାଏତ୍ ବର୍ଷା ଲାଗି ସମ୍ବଲ୍‌ପୁର୍ ସହରର ଭିନ୍ ଭିନ୍ ଜାଗା ନ ରାସ୍ତା ଉପ୍‌ରେ ପାଏନ୍ ଯାଉଥିବାର୍ ବେଲେ ଘର୍ ମାନ୍‌କୁ ପାଏନ୍ ପଶିଛେ । ଆଏଜ୍ ଭିଲ୍ ବର୍ଷାକେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଆଉ ଧନ୍‌କଉଡ଼ା ବ୍ଲକ୍‌ର ସବୁ ବିଦ୍ୟାଳୟମାନ୍‌କୁ ବନ୍ଦ୍ ରଖାଯିବା ବଲି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ସୂଚ୍‌ନା ଦେଇଛନ୍ ।